# ତହସିଲଦାରଙ୍କ କାର୍ଯ୍ୟାଳୟ ବେଲଗୁଣ୍ଠା (ଗଞ୍ଜାମ)

ବିଜ୍ଞପ୍ତି ସଂଖ୍ୟା: ୬୮୫୦ / ସଇରାତ                                  ତା. ..୨୫/୧୦/୨୦୨୧

## ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ

[ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୧୬ ଅନୁଯାୟୀ ]

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ବେଲଗୁଣ୍ଠା ତହସିଲ ଅନ୍ତର୍ଗତ ସୂଚିରେ ପ୍ରଦତ୍ତ (Annexure-I) ଲଘୁ ଖଣିଜ ଦ୍ରବ୍ୟ ସଇରାତ ଉତ୍ସ ଗୁଡ଼ିକୁ ଆସନ୍ତା ୫ (ପାଞ୍ଚ) ବର୍ଷ ନିମନ୍ତେ (2021-22 ଠାରୁ 2025-26 ପର୍ଯ୍ୟନ୍ତ) ଦିର୍ଘମିଆଦୀ ଲିଜ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

*ପ୍ରକାଶ ଥାଉକି ଲିଜ୍‌ରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତି ବିଶେଷ ଉତ୍ସଗୁଡିକୁ ପରିଦର୍ଶନ କରି, ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗୀକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଆବେଦନ କରିବା ବାଞ୍ଛନୀୟ । ଲିଜ୍ ନେବା ପରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ, ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।*

ଇଚ୍ଛୁକ ବ୍ୟକ୍ତି ମାନେ, ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନ-୨୦୧୬ ବର୍ଣ୍ଣିତ ତିନିକିତା ଫର୍ମ-M ପୂରଣକରି ତତ୍ ସହିତ ନିମ୍ନଲିଖିତ ଆବଶ୍ୟକୀୟ କାଗଜାତ୍ ଦାଖଲ କରିବା ହେବେ ।

୧. ଦରଖାସ୍ତ ଫି ବାବଦକୁ ଟ.୧,୦୦୦/- (ଏକ ହଜାର)ଟଙ୍କାର ଟ୍ରେଜେରୀ ଚାଲାନ୍ (Head of Account-0853-Non-Ferrous Mining and Metallurgical Industries-102-Mineral concession Fess, Rents and Royalties ), ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।

୨. ଉତ୍ସର ନାମ ଓ ଉତ୍ସ ର ତଫସିଲ ସହିତ ଦରଖାସ୍ତ (ଫର୍ମ- M ତିନି କିତା) ସମ୍ପୂର୍ଣ୍ଣ ରୂପେ ପୂରଣ ସହିତ ଦସ୍ତଖତକରି ଦାଖଲ ଦେବେ ।

୩. ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନଥିବା ଦର୍ଶାଇ ଏକ ସତ୍ୟପାଠ ।

ଓଲଟାନ୍ତୁ .............

Tahasildar

Scanned with Cam

୪. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (Minimum Guaranteed Quantity) ନିମନ୍ତେ ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ତଥା ରୟାଲ୍‌ଟିର ସମପରିମାଣର ଏକ ଶୋଧକ୍ଷମ ପ୍ରମାଣପତ୍ର (Solvency Certificate) କିମ୍ବା ବ୍ୟାଙ୍କ ପ୍ରତ୍ୟାଭୂତି (Bank Guarantee) **(ଯାହାର ଅବଧି ଅନ୍ତତଃ ଅଠର ମାସ ହେବା ଆବଶ୍ୟକ)** [Requisite Extent of Solvency / Bank Guarantee = Minimum Guaranteed Quantity X (Additional Charge + Royalty)]

୫. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ ନିର୍ଦ୍ଧାରିତ ଅତିରିକ୍ତ ଦେୟ ଓ ରୟାଲ୍‌ଟିର ଶତକଡା ୫ ପ୍ରତିଶତ (EMD (Earnest Money Deposit) **ତହସିଲଦାର ବେଲଗୁଣ୍ଠାଙ୍କ ନାମରେ ବ୍ୟାଙ୍କ ଡ୍ରାଫଟ୍ ମାଧମରେ ଦରଖାସ୍ତ ସହ ସଂଲଗ୍ନ କରିବେ ନଚେତ୍ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ ।** (Annexure-I ଦ୍ରଷ୍ଟବ୍ୟ)

୬. ପ୍ରାଧିକୃତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବେଦନକାରୀଙ୍କ ଆସ୍ଥାବର ସମ୍ପତ୍ତି ତାଲିକା । ଯଦି ଦରଖାସ୍ତକାରୀ ଚାହାଁନ୍ତି ଅନ୍ୟାନ୍ୟ ଆବଶ୍ୟକ ତଥ୍ୟ ଯଥା ବୈଷୟିକ ଜ୍ଞାନ, ଅଭିଜ୍ଞତା, ପାଖରେ ଥିବା ଯନ୍ତ୍ର ସମୂହ ଓ ଆର୍ଥିକ ସ୍ଥିତି ଇତ୍ୟାଦିର ପ୍ରମାଣ ପତ୍ର ସଂଲଗ୍ନ କରିପାରନ୍ତି ।

୭. ଗତବର୍ଷର ଆୟକର ଦାଖଲ (Income Tax Return) ବିବରଣୀର ନକଲ / GST Clearance Certificate ର ନକଲ ଦାଖଲ କରିବେ ।

**୮. ଦରଖାସ୍ତକାରୀ ଲଫାପାର ଉପରି ଭାଗରେ ବଡ ଅକ୍ଷରରେ Annexure-I ରେ ଥିବା କେଉଁ ସଇରାତ ଉତ୍ସ ନିମନ୍ତେ ଆବେଦନ କରୁଛନ୍ତି ଏବଂ ଆବେଦନକାରୀଙ୍କ ନାମ, ଠିକଣା ଓ ଫୋନ୍ ନଂ. ସ୍ପଷ୍ଟ ଭାବରେ ଉଲ୍ଲେଖ କରିବେ ନଚେତ୍ ଦରଖାସ୍ତଟିକୁ ବିଚାରକୁ ନିଆଯିବନାହିଁ ।**

ଉପରୋକ୍ତ କାଗଜାତ ସହ ଦରଖାସ୍ତକୁ ଜଉମୁଦ-ଦିଆ ଲଫାଫାରେ ରେଜିଷ୍ଟ୍ରିଡାକ / Speed Post ଯୋଗେ ନିମ୍ନଲିଖିତ ଠିକଣାରେ ପଠାଇବାକୁ ହେବ ଯାହାକି ନିର୍ଦ୍ଧାରିତ ଲଫାପା ଖୋଲିବାର ତାରିଖ ପୂର୍ବରୁ କିମ୍ବା ତହସିଲ କାର୍ଯ୍ୟାଳୟରେ ଥିବା ଜଉମୁଦ-ଦିଆ ଟେଣ୍ଡର ବକ୍ସରେ **ତା.25.10.2021 ରିଖ ରୁ 11.11.2021_.ଅପରାହ୍ଣ ୨.00 ଘଟିକା ସୁଦ୍ଧା** ଯେ କୌଣସି କାର୍ଯ୍ୟ ଦିବସରେ ସରକାରୀ କାର୍ଯ୍ୟ ନିର୍ଘଣ୍ଟ ସମୟ ମଧରେ ପକାଇବା ଆବଶ୍ୟକ । ଉକ୍ତ ଦିନ ଅର୍ଥାତ୍ **11.11.2021.ଅପରାହ୍ଣ ୪.00 ଘଟିକା** ସମୟରେ ଦରଖାସ୍ତ ଗୁଡିକୁ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ଟେଣ୍ଡର ବକ୍ସ ଖୋଲାଯାଇ ଗ୍ରହଣ କରାଯାଇଥିବା ଦରଖାସ୍ତ ଗୁଡିକୁ ତନଖି କରାଯାଇ ଚୁଡାନ୍ତ କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତକୁ ବାତିଲ କରାଯିବ । ଉପରୋକ୍ତ ସମୟ ପରେ ଦରଖାସ୍ତ ଗ୍ରହଣୀୟ ହେବ ନାହିଁ ।

Tahasildar

ଓଲଟାନ୍ତୁ .............

Scanned with Cam

ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧରେ କୌଣସି ଉତ୍ସ ପାଇଁ ଦରଖାସ୍ତ ପ୍ରାପ୍ତ ନ ହୁଏ କିମ୍ବା ସମସ୍ତ ଦରଖାସ୍ତକାରୀ ଲିଜ୍‌ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି, ତାହେଲେ ଇଚ୍ଛୁକ ବ୍ୟକ୍ତିମାନେ ତା 12.11.2021.ରିଖ ରୁ ତା. ୨୦.୧୧.୨୦୨୧.ରିଖ ମଧରେ ଯେ କୌଣସି ସରକାରୀ କାର୍ଯ୍ୟ ଦିବସରେ **ତା. ୨୦.୧୧.୨୦୨୧.**ଅପରାହ୍ନ ୨.ଘଟିକା ସୁଦ୍ଧା ଉପରୋକ୍ତ ପ୍ରକାରେ ଆବେଦନ କରିପାରିବେ ଏବଂ ଆବେଦନ କରାଯାଇଥିବା ଦରଖାସ୍ତକୁ ସେହି ଦିନ ଅର୍ଥାତ୍ **ତା.୨୦.୧୧.୨୦୨୧.**ରିଖ ଅପରାହ୍ନ ୪.ଘଟିକା ସମୟରେ ଟେଣ୍ଡର ବକ୍ସ ଖୋଲାଯାଇ ଗ୍ରହଣ କରାଯାଇଥିବା ଦରଖାସ୍ତ ଗୁଡିକୁ ତନଖି କରାଯିବ ।

ସେହିପରି ଯଦି ଦ୍ୱିତୀୟଥର ମଧ କୌଣସି ଉତ୍ସ ପାଇଁ ଆଦୌ ଦରଖାସ୍ତ ଆସି ନଥାଏ କିମ୍ବା ସମସ୍ତ ଦରଖାସ୍ତ ଗୁଡିକ ଅଯୋଗ୍ୟ ବିବେଚିତ ହୁଅନ୍ତି ତେବେ ତୃତୀୟଥର ତଥା ଶେଷଥର ପାଇଁ ତା. ୨୨.୧୧.୨୦୨୧.ରିଖ ରୁ ତା. ୨୯.୧୧.୨୦୨୧.ରିଖ ମଧରେ ଯେ କୌଣସି ସରକାରୀ କାର୍ଯ୍ୟ ଦିବସରେ ତା. ୨୯.୧୧.୨୦୨୧.ରିଖ ପୂର୍ବାହ୍ନ ୨.ଘଟିକା ସୁଦ୍ଧା ଦରଖାସ୍ତ ଦାଖଲ କରିପାରିବେ ଏବଂ ସମସ୍ତ ଦରଖାସ୍ତକୁ ଦରାଖାସ୍ତକାରୀ କିମ୍ବା ସେମାନଙ୍କ ପ୍ରାଧୀକୃତ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ସେହି ଦିନ ଅର୍ଥାତ୍ ତା. ୨୯.୧୧.୨୦୨୧.ରିଖ ଅପରାହ୍ନ ୪.ଘଟିକା ସମୟରେ ଟେଣ୍ଡର ବକ୍ସ ଖୋଲାଯାଇ ଗ୍ରହଣ କରାଯାଇଥିବା ଦରଖାସ୍ତ ଗୁଡିକୁ ତନଖି କରାଯାଇ ଲିଜ ନିମନ୍ତେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

ଯଦି କୌଣସି ସଇରାତ ଉତ୍ସ ପାଇଁ ଏକକ ଦରଖାସ୍ତ ପ୍ରାପ୍ତ ହୋଇଥାଏ, ତେବେ, ଏହି ଦରଖାସ୍ତଟିକୁ ଖୋଲା ନ ଯାଇ ପରବର୍ତ୍ତୀ ଧାର୍ଯ୍ୟ ତାରିଖ ପର୍ଯ୍ୟନ୍ତ ଏକ ରୁ ଅଧିକ ଦରଖାସ୍ତ ଗ୍ରହଣ ପାଇଁ ଅପେକ୍ଷା କରାଯିବ । ଯଦି, ନିର୍ଦ୍ଧାରିତ ଶେଷ ତାରିଖ ସୁଦ୍ଧା ଏକକ ଦରଖାସ୍ତ ବ୍ୟତୀତ, ସେହି ଉତ୍ସ ପାଇଁ ଆଉ କୌଣସି ଦରଖାସ୍ତ ଗ୍ରହଣ କରା ନ ଯାଇଥାଏ, ତେବେ ସେହି ଏକକ ଦରଖାସ୍ତଟିକୁ ଶେଷ ତାରିଖରେ ଖୋଲା ଯିବ ଏବଂ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ।

**ଓଲଟାନ୍ତୁ .............**

Tahasildar

Scanned with Cam

ଠିକଣା :

ତହସିଲଦାରଙ୍କ କାର୍ଯ୍ୟାଳୟ, ବେଲଗୁଣ୍ଠା,
ଗ୍ରାମ/ପୋଷ୍ଟ- ବେଲଗୁଣ୍ଠା, ଜିଲ୍ଲା-ଗଞ୍ଜାମ (ଓଡ଼ିଶା),
ପିନ୍ -୭୬୧୧୧୯

**ଆବେଦନ କରାଯାଇଥିବା ଦରଖାସ୍ତ ମାନଙ୍କ ମଧ୍ୟରୁ ସର୍ବାଧିକ ଅତିରିକ୍ତ ଦେୟ (Additional Charge) ଦର୍ଶାଇଥିବା ଆବେଦନ ପତ୍ରକୁ ଯୋଗ୍ୟ ବିବେଚିତ କରାଯିବ ।**

ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସଇରାତ ଉତ୍ସ ନିମନ୍ତେ ସମାନ ମୂଲ୍ୟର ଅତିରିକ୍ତ ଦେୟ ଦର୍ଶାଇ ଥାଆନ୍ତି, ତେବେ ଲଟେରୀ ମାଧ୍ୟମରେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

ଆବେଦନକାରୀ, ପ୍ରାଧୀକୃତ ଅଧିକାରୀଙ୍କ ଦ୍ଵାରା (Competent Authority) ଧାର୍ଯ୍ୟ ହୋଇଥିବା ଅତିରିକ୍ତ ଦେୟର ପରିମାଣ ଠାରୁ କମ୍ ମୂଲ୍ୟ ଦର୍ଶାଇଲେ, ତାହା ଗ୍ରହଣୀୟ ହେବ ନାହିଁ ଏବଂ ଦରଖାସ୍ତଟି ନାକଚ ହେବ ।

ଯୋଗ୍ୟବିବେଚିତ ଆବେଦନକାରୀଙ୍କୁ ମନୋନୟନର ୭ (ସାତ) ଦିନ ମଧ୍ୟରେ ପ୍ରାଧୀକୃତ ଅଧିକାରୀଙ୍କ ଦ୍ଵାରା ନିର୍ଦ୍ଧାରିତ ଫର୍ମରେ (F) ରେ ଜଣାଇଦିଆଯିବ । ସୂଚନା ପାଇବାର ୧୫ ଦିନ ମଧ୍ୟରେ ମନୋନୀତ ଆବେଦନକାରୀ ସର୍ତ୍ତାବଳୀର ସମ୍ମତି ପ୍ରଦାନ କରିବେ ଓ ଅମାନତ ରାଶି ଦେୟ (Security Deposit) ବାବଦକୁ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (MGQ) ଉପରେ ଦରଖାସ୍ତରେ ଦର୍ଶାଇଥିବା ବାର୍ଷିକ ଅତିରିକ୍ତ ଦେୟ ତଥା ରୟାଲଟି ଏବଂ ଜିଲ୍ଲା ଖଣିଜ ପାଣ୍ଠିକୁ (District Mineral Foundation) ଦେବାକୁ ଥିବା ଦେୟରୁ ଏକ ଚତୁର୍ଥାଂଶରୁ EMD କୁ ବାଦ ଦେଇ ବଳକା ଥିବା ରାଶିର ପରିମାଣ ଜମାକରିବେ ଓ ଏଥି ସହ ପୂର୍ବରୁ ଦାଖଲ ହୋଇଥିବା Earnest Money କୁ ଏକତ୍ର କରି ସୁଧ ରହିତ ଅମାନତ ରାଶି (Interest Free Security Deposit) ଭାବରେ ରଖାଯିବ । ଯଦି ମନୋନୀତ ବ୍ୟକ୍ତି ୧୫ ଦିନ ମଧ୍ୟରେ ସମ୍ମତି ନ ଦିଅନ୍ତି ଏବଂ ଅମାନତ ରାଶି ପଇଠ ନ କରନ୍ତି, ତେବେ ଦ୍ୱିତୀୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।

Tahasildar
Bellaguntha, Gm

ଓଲଟାନ୍ତୁ .............

Scanned with Cam

ମନୋନିତ ଆବେଦନକାରୀ Mining Plan/ Environmental Clearance ଓ Sairat Advertisement cost ବାବଦକୁ ଖର୍ଚ୍ଚ ହୋଇଥିବା ରାଶିର ପରିମାଣ ଏବଂ ଅନ୍ୟାନ୍ୟ ସରକାରୀ ଦେୟ ଦାଖଲ କରି **ଫର୍ମ–N** ରେ ନିଜସ୍ୱ ଖର୍ଚ୍ଚରେ ରେଜିଷ୍ଟି ଚୁକ୍ତିପତ୍ର ସମ୍ପାଦନ କରିବା ବାଧ୍ୟତାମୂଳକ ଅଟେ । ଅନ୍ୟଥା ଆଇନ ଅନୁଯାୟୀ ଲିଜ୍ ନାକଚ ହେବ ଏବଂ ଅମାନତ ରାଶି ସରକାରୀ ତହବିଲରେ ଜମା ହେବ ।

ଏହି ସମସ୍ତ ପ୍ରକ୍ରିୟା ଶେଷ ହେବାପରେ ମନୋନୀତ ଆବେଦନକାରୀଙ୍କୁ State Pollution Control Board ର Consent to Operate Order ଏହି କାର୍ଯ୍ୟାଳୟରେ ଦାଖଲ କରିବାକୁ ହେବ । ବିନା Consent to Operate Order ରେ ଲିଜ୍‌ଧାରୀ ଖଣିଜଦ୍ରବ୍ୟ ଉତ୍ତୋଳନ କରିପାରିବେ ନାହିଁ ।

ପ୍ରକାଶ ଥାଉକି Annexure-I ରେ ଥିବା ସୈରାତ ଉତ୍ସ ଗୁଡିକର Mining Plan approve ହୋଇ ସାରିଛି ଏବଂ Environmental Clearance ପାଇଁ SEIAA Authority ଙ୍କ ଠାରୁ ପ୍ରଦତ୍ତ ହୋଇଅଛି । ନିଲାମ ଧାରୀଙ୍କ ନାମେ ସମୟକ୍ରମେ Transfer of Ownership SEIAA Authorityଙ୍କ ଠାରୁ ପାଇଲା ପରେ Form-N ନିଲାମଧାରୀ Agreement କରିବେ ।

ପଥର ପାଇଁ ସର୍ବନିମ୍ନ ରୟାଲଟି ମୂଲ୍ୟ ଘନମିଟର ପ୍ରତି ଟ.୧୩୦/- ନିର୍ଦ୍ଧାରିତ (Fixed) ଅଟେ ଏବଂ ଅତିରିକ୍ତ ଦେୟ (Additional Charge) ଅନ୍ୟୁନ ଟ.100 ଙ୍କା ଅଟେ । ଆବେଦନ କାରୀ ଅତିରିକ୍ତ ଦେୟ ମୂଲ୍ୟ ଉପରେ ସର୍ବୋଚ୍ଚ ରାଶି ଉଲ୍ଲେଖ କରି ଆବେଦନ କରିବା ହେବେ ।

OMMC Rule, 2016 ଅନୁଯାୟୀ ସମସ୍ତ ସର୍ତ୍ତାବଳୀକୁ ପୂରଣ କରୁଥିବା ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯାଇ ତନ୍ମଧ୍ୟରୁ ***ସର୍ବୋଚ୍ଚ ଅତିରିକ୍ତ ଦେୟ*** ଉଲ୍ଲେଖ କରି ଥିବା ଦରଖାସ୍ତ କାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକୁ ବାତିଲ କରି ଦିଆଯିବ ।

ଲିଜ ଧାରୀ ସୈରାତ ଉତ୍ସ ସମ୍ବନ୍ଧୀୟ ସମସ୍ତ ଦେୟ ଯଥା Royality, Additional Charge, Dead Rent, Surface Rent, DMF, EMF, CA ଇତ୍ୟାଦି OMMC Rule-2016 ଅନୁଯାୟୀ ଅଗ୍ରୀମ ଦାଖଲ ଦେବେ । ଏବଂ 2% ଆୟକର ବାବଦକୁ ଜମା କରିବେ ।

ଲିଜଧାରୀ ସଇରାତ ଉତ୍ସର Mining Plan ନକ୍ସା ଅନୁଯାୟୀ ଏହାର ସୀମାସରହଦ ଚିହ୍ନଟ କରି Pillar Posting କରିବା ହେବେ । ସମ୍ମୁଖ ଭାଗରେ ସୂଚନା ଫଳକ (Display Board) ଲଗାଇବେ ସେଥିରେ ସଇରାତ ଉତ୍ସର ନାମ, ମଞ୍ଜୁର ହୋଇଥିବା ଆର୍ଥିକବର୍ଷ, ସୈରାତ ଉତ୍ସର ତଫସିଲ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ ରହିବ ।

ଓଲଟାନ୍ତୁ ............

Tahasildar
Bellaguntha(Gm)

Scanned with Cam

ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ପାଇବା ପର୍ଯ୍ୟନ୍ତ ଲିଜ ଧାରୀ ସୈରାତ ଉତ୍ସକୁ କାର୍ଯ୍ୟକ୍ଷମକରି ପାରିବେ ନାହିଁ ।

କ୍ଷମତାପ୍ରାପ୍ତ ଅଧିକାରୀ ଲିଜ ଅବଧି ମଧ୍ୟରେ ଯେ କୌଣସି ସମୟରେ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (MGQ) ସଂଶୋଧନ କରିପାରିବେ । ଏବଂ Controlling Authority ଙ୍କ ଠାରୁ ଆବଶ୍ୟକ Clearance ପାଇଲା ପରେ ଏବଂ ସରକାରୀ ଦେୟ ଦାଖଲ କଲାପରେ ଉତ୍ସ ଉତ୍ତୋଳନ କରିପାରିବେ ।

ଲିଜ ଧାରୀ ଏକ ସ୍ୱତନ୍ତ୍ର ରେଜିଷ୍ଟର ରେ ପ୍ରତ୍ୟେକ ଦିନ ଉତ୍ତୋଳନ ଓ ପରିବହନ ହେଉଥିବା ଲଘୁ ଖଣିଜ ଦ୍ରବ୍ୟ ହିସାବ ଲିପିବଦ୍ଧ କରିବେ ଏବଂ Form-P ରେ ତ୍ରୟ ମାସିକ ହିସାବ ଏବଂ Form-K ରେ ବାର୍ଷିକ ହିସାବ ଏହି କାର୍ଯ୍ୟାଳୟରେ ଦାଖଲ କରିବେ ।

ଲିଜ ଧାରୀ Mines Act-1952 ଏବଂ Explosive Act-1984 ର ସମସ୍ତ ନିୟମ ସର୍ତ୍ତାବଳୀର ଅନ୍ତର୍ଭୁକ୍ତ ରହିବେ ।

ଲିଜ୍‌ଧାରୀ ଓଡିଶା ଲଘୁଖଣିଜ ଦ୍ରବ୍ୟ (ରିହାତି) ନିୟମ-୨୦୧୬ର ଓ ତତ୍ ପରବର୍ତ୍ତି ସମସ୍ତ ସରକାରୀ ଓ ଅଦାଲତର ଆଦେଶ ମାନିବାକୁ ବାଧ ହେବେ ।

ଯଦି ଏହି ବିଜ୍ଞାପନରେ ନିୟମ ଅନୁଯାୟୀ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ଏହାକୁ ସଂଶୋଧନ ତଥା ପରିବର୍ତ୍ତନ କରିବାର ଅଧିକାର ନିମ୍ନସ୍ୱାକ୍ଷରକାରୀଙ୍କର ରହିଛି । କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନଦର୍ଶାଇ ଲିଜ୍ କାର୍ଯ୍ୟ ବାତିଲ ବା ସ୍ଥଗିତ କରିପାରିବେ ।

ସଂଲଗ୍ନ- Annexure-I

ତହସିଲଦାର, ବେଲଗୁଣ୍ଠା
Tahasildar
Bellaguntha(Gm)

Scanned with Cam

**ANNEXURE-1**

## LIST OF THE SAIRAT SOURCES FOR LONG TERM LEASE FOR THE PERIOD FROM 2021-22 TO 2025-26 OF BELLAGUNTHA TAHASIL

| Sl No | Case No. | Name of the Sources | Mouza | Khata No | Plot No | Area in Acre | Area in Hc | MGQ per annum | Royalty per CuM (In Rs.) | Minimum Addl. Charge | EMD (In Rs. ) | Bank Gurantee |
|---|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 | 13 |
| 1 | 2/2021-22 | Raipada Stone Quarry | Raipada | 460 | 1170 | Ac 7.000 out of Ac. 12.000 | Hc.2.8328 | 2700 | 130 | 100 | 31050 | 621000 |
| 2 | 3/2021-22 | Bellapunji Stone Quarry | Bellapunji | 323 | 340 | Ac.8.840 | Hc.3.5774 | 4050 | 130 | 100 | 46575 | 931500 |

- The Lessee is required to quote the rate of Minimum Additional Charge above Rs.100/-
- For deposit of **interest free security deposit**, intimation will be given to the selected Lessee as per calculation

Tahasildar, Bellaguntha

Tahasildar
Bellaguntha (Gm)

Scanned with Cam

**Memo No.**3151**/ Date** 25/10/2021

Copy along with list of Sairat sources submitted to the B.D.O. Bellaguntha / Executive Officer, N.A.C, Belalguntha / I.I.C. Gangapur / Buguda P.S. for information. They are requested to affix this notice in their office notice board for wide publication.

Copy to the Notice Board of this Tahasil for wide publication.

**Tahasildar, Bellaguntha**

**Memo No.**3152**/ Date** 25/10/2021

Copy to the Sarapanch, K.B.Pur / Mangalpur for information with a request to affix this notice in their office notice board for wide publication.

**Tahasildar, Bellaguntha**

**Memo No.**3153**/ Date** 25/10/2021

Copy Submitted to the DIO, NIC, Ganjam for information with a request to hoist the advertisement in the district website www.ganjam.nic.in. up to 29.11.2021 for its wide publication.

**Tahasildar, Bellaguntha**

**Memo No.**3154**/ Date** 25/10/2021

Copy along with the list of Sairat sources submitted to the Sub-Collector, Bhanjanagar / Collector, Ganjam, Chatrapur for kind information.

**Tahasildar, Bellaguntha**

Tahasildar
Bellaguntha (Gm)

Scanned with Cam